# NATIONAL NEWS BULLETIN (ODIA)
## 9 July 2026
## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣ କ୍ରମେ ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଗତ ସଂଧ୍ୟାରେ ମେଲବୋର୍ଣ୍ଣରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନର ଆଜି ଭୁବନେଶ୍ୱରଠାରେ ଶୁଭାରମ୍ଭ କରିବେ ଉପରାଷ୍ଟ୍ରପତି ।
- କୋଚିଠାରେ ଚାଲିଥିବା ବ୍ରିକ୍ସ ମହିଳା ମନ୍ତ୍ରିସ୍ତରୀୟ ବୈଠକ ସମାପ୍ତ ହେବ ଆଜି ।
- ଇରାନ୍ ଉପରେ ଆମେରିକାର ପୁନର୍ବାର ବିମାନ ଆକ୍ରମଣ ।

\- ପଶ୍ଚିମ ଏସିଆର ଉତ୍ତେଜନା ସ୍ଥିତିକୁ ନେଇ ଭାରତର ଉଦ୍‌ବେଗ ପ୍ରକାଶ ।

ଏବଂ

- ଭାରତ-ଇଂଲଣ୍ଡ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଖେଳାଯିବ ବ୍ରିଷ୍ଟଲରେ ।

# ପିଏମ୍-ଅଷ୍ଟ୍ରେଲିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମେଲବୋର୍ଣ୍ଣଠାରେ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଆନ୍ଥୋନୀ ଆଲ୍‌ବାନିଜ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷୀୟ ବୈଠକ କରିବେ । ବିଶେଷକରି ଦୁଇଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଜ୍ଞାନକୌଶଳ, ଶିକ୍ଷା ଏବ ଜନସମ୍ପର୍କ ଆଦି କ୍ଷେତ୍ରରେ ଜାରି ରହିଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଦୁଇନେତା ଆଲୋଚନା କରିବାର ଆଶା କରାଯାଉଛି । ଏହାଛଡା ଶ୍ରୀ ମୋଦୀଙ୍କ ଏହି ଗସ୍ତ ଭାରତ-ଅଷ୍ଟ୍ରେଲିଆ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଏକ ନୂତନ ଗତି ଦେବାର ସମ୍ଭାବନା ରହିଛି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଭାରତ-ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଫୋର୍‌ମରେ ଉଦ୍‌ବୋଧନ ଦେବା ସହିତ ଉଭୟ ଦେଶର ବ୍ୟବସାୟିକ ନେତୃବୃନ୍ଦଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ମେଲବୋର୍ଣ୍ଣଠାରେ ଭାରତୀୟ ସମ୍ପ୍ରଦାୟଙ୍କ ସହିତ ଭାବ ବିନିମୟ କରିବେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ଗତ ସଂଧ୍ୟାରେ ଏକ ତିନିଦିନିଆ ଗସ୍ତରେ ଯାଇ

ମେଲବୋର୍ଣ୍ଣରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀ ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ସେ ଅଷ୍ଟ୍ରେଲିଆ ଯାଇଛନ୍ତି ।

ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ଭାରତୀୟ ସମ୍ପ୍ରଦାୟଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହିତ ସ୍ଥାନୀୟ କଳାକାରଙ୍କ ଦ୍ୱାରା ତାଙ୍କ ସ୍ୱାଗତ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି । ଏହି ଅବସରରେ ଅଷ୍ଟ୍ରେଲିଆ ଓ ଭାରତ ପକ୍ଷରୁ ମିଳିତଭାବେ 'ମା ତୁଝେ ସଲାମ୍' ସଂଗୀତକୁ ବାଦ୍ୟଯନ୍ତ୍ରରେ ପରିବେଷଣ କରାଯାଇଛି । ଏହାଦ୍ୱାରା ଦୁଇଦେଶର ଜନସମ୍ପର୍କକୁ ସଶକ୍ତ କରିବା ଦିଗରେ ସଂଗୀତର ଭୂମିକା ପ୍ରତିଫଳିତ ହେଉଛି ।

୧୦ବର୍ଷ ମଧ୍ୟରେ ଶ୍ରୀ ମୋଦୀଙ୍କର ତୃତୀୟଥର ଲାଗି ଏହି ଅଷ୍ଟ୍ରେଲିଆ ଗସ୍ତ' ଦ୍ୱିପକ୍ଷୀୟ ସମ୍ପର୍କରେ ଏକ ଉଲ୍ଲେଖନୀୟ ଅଭିବୃଦ୍ଧିର ପ୍ରତିଫଳନ ବୋଲି ଅଷ୍ଟ୍ରେଲିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ନଗେସ ସିଂହ କହିଛନ୍ତି । ସେ କହିଛନ୍ତି ବିଶ୍ୱରେ ଦେଖାଦେଇଥିବା ବିଭିନ୍ନ ପରିସ୍ଥିତି ପରିପ୍ରେକ୍ଷୀରେ ଭାରତ-ଅଷ୍ଟ୍ରେଲିଆ ପରସ୍ପରର ନିକଟତର ହୋଇପାରିଛନ୍ତି । ଏଥିସହିତ ଦୁଇଦେଶ ଏକକ ରଣନୈତିକ ସ୍ୱାର୍ଥ ଏବଂ ଭାଗିଦାରୀ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

# ଭିପି– ଓଡ଼ିଶା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ଭୁବନେଶ୍ୱରଠାରେ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ଯୋଗଦେଇ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ । କେନ୍ଦ୍ର ସରକାରଙ୍କ ମତ୍ସ୍ୟବିଭାଗ ଓ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ମତ୍ସ୍ୟକ୍ଷେତ୍ରର ଡିଜିଟାଲାଇଜେସନ୍ ଉପରେ ଧ୍ୟାନ ଦିଆଯାଇଛି । ଏଥିସହିତ ମତ୍ସ୍ୟଚାଷୀ ଉତ୍ପାଦକ ସଙ୍ଗଠନ ଓ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ନୀଳ ଅର୍ଥବ୍ୟବସ୍ଥା, ଯାହା ରାଜ୍ୟର ଉପକୂଳ ଏବଂ ଗଭୀର ସମୁଦ୍ର ମାଛଧରିବା ସମ୍ଭାବନାକୁ ସୁଦୃଢ଼ କରିବ । ଆଧୁନିକ ମତ୍ସ୍ୟଚାଷ ଭିତ୍ତିଭୂମି, ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ପରିଚାଳନା, ବଜାର ସଂଯୋଗୀକରଣରେ ନିବେଶ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି ଏବଂ ସାମୁଦ୍ରିକ ମତ୍ସ୍ୟଚାଷ କ୍ଷେତ୍ରର ଦୀର୍ଘସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି।

## ବ୍ରିକ୍ସ-ମିଟିଂ

କୋଚିଠାରେ ଚାଲିଥିବା ବ୍ରିକ୍ସ ମହିଳା ମନ୍ତ୍ରିସ୍ତରୀୟ ବୈଠକ ଆଜି ସମାପ୍ତ ହେବ । ଏ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି ଭାରତର ଅଧ୍ୟକ୍ଷତାରେ ତଥା ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ ମହିଳା ସଶକ୍ତିକରଣ ଏବଂ ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଆଲୋଚନା କରାଯାଇଛି । ଆଜି ସଂଧ୍ୟାରେ ଏକ ଯୁଗ୍ମ ପ୍ରସ୍ତାବ ପାରିତ ହେବାର ଆଶା କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏହି ବୈଠକରେ ୧୧ଟି ଦେଶର ମନ୍ତ୍ରୀମାନେ ଯୋଗ ଦେଇଛନ୍ତି ।

## ଇଣ୍ଡିଆ-ମ୍ୟାଁମାର ମିଟ୍

ଭାରତ ଓ ମ୍ୟାଁମାର ଦ୍ୱିପକ୍ଷୀୟ ସୁରକ୍ଷା ସହଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଶେଷ ହୋଇଥିବା ଦୁଇଦିନିଆ ୨୩ତମ ଭାରତ-ମ୍ୟାଁମାର ଜାତୀୟସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି । ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ତ୍ରାସବାଦ ଓ ଉଗ୍ରବାଦ କାର୍ଯ୍ୟକଳାପ, ନିଶାଦ୍ରବ୍ୟ ଚୋରାଚାଲାଣ, ଅସ୍ତ୍ରଶସ୍ତ୍ର, ବନ୍ୟପ୍ରାଣୀ ଓ ମାନବଚାଲାଣ, ସାଇବର ଅପରାଧ ସମେତ ସମସ୍ତ ପ୍ରକାର ଅପରାଧ ବିପକ୍ଷ ଲଢ଼େଇରେ ସହଯୋଗ ଜାରି ରଖିବା ଉପରେ ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି । ଏ

ଦିଗରେ ପରସ୍ପର ସହିତ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ କରିବା ସହିତ ଦକ୍ଷତା ନିର୍ମାଣ ଏବଂ ସୁରକ୍ଷା ଦିଗରେ ଦେଖାଦେଉଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ଦିଗରେ ସହଯୋଗ ବୃଦ୍ଧି କରିବା ଲାଗି ମଧ୍ୟ ଉଭୟପକ୍ଷ ରାଜି ହୋଇଛନ୍ତି । ଏହାଛଡା ଭାରତ-ମ୍ୟାଁମାର ସୀମାରେ ସୁରକ୍ଷା ସ୍ଥିତିର ସମୀକ୍ଷା କରାଯାଇଛି । ସୀମାରେ ଶାନ୍ତି, ସ୍ଥିରତା ଓ ସୁରକ୍ଷା ବଜାୟ ରଖିବା ଦିଗରେ ଉଭୟପକ୍ଷ ନିଜର ପ୍ରତିବଦ୍ଧତା ଜାହିର କରିଛନ୍ତି । ଭାରତ-ମ୍ୟାଁମାର-ଥାଇଲାଣ୍ଡ ତ୍ରିଭୁଜ ରାଜପଥ ସମେତ କାଲାଦାନ ବହୁବିଧ ଗମନାଗମନ ପ୍ରକଳ୍ପକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ଲାଗି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉଭୟପକ୍ଷ ଗୁରୁତ୍ୱାରୋପ କରିଛନ୍ତି ।

## ୟୁଏସ୍-ଇରାନ୍ ଏୟାରଷ୍ଟ୍ରାଇକ୍ସ

ଯୁକ୍ତରାଷ୍ଟ୍ର ଆମେରିକା’ ଇରାନ୍ ଉପରେ ପୁନର୍ବାର ବିମାନ ଆକ୍ରମଣ କରିଛି । ଇରାନ୍ ପକ୍ଷରୁ ଆକ୍ରମଣ କରାଯିବା ଦ୍ୱାରା ଅସ୍ତ୍ରବିରତି ଚୁକ୍ତିନାମା ଶେଷ ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏହି ଆକ୍ରମଣ କରାଯାଇଛି । ଏଥିସହିତ ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଗୁଡ଼ିକ ଉପରେ ଇରାନ୍ ଆକ୍ରମଣ କରିଛି ବୋଲି ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଚନ୍ତି । ଏହାପରେ ତେହେରାନ ପକ୍ଷରୁ ଯଦି କୌଣସି ଆକ୍ରମଣ କରାଯାଏ ତେବେ ୱାଶିଂଟନ୍ ଏକ ଶକ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଏହାର ଦୃଢ଼ ଜବାବ ଦେବ ବୋଲି ଟ୍ରମ୍ପ କହିଛନ୍ତି ।

## ଏମ୍‌ଇଏ-ଓ୍ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ବର୍ତ୍ତମାନ ଦେଖାଦେଇଥିବା ଉତ୍ତେଜନା ପରିସ୍ଥିତିକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ବର୍ତ୍ତମାନ ସେଠାରେ ଜାରି ରହିଥିବା ଆକ୍ରମଣ ଏବଂ ଉତ୍ତେଜନା ପରିସ୍ଥିତି ଦ୍ୱାରା ଆଞ୍ଚଳିକ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପ୍ରତି ବିପଦ ଦେଖାଦେଇଛି । ସେଠାରେ ଉତ୍ତେଜନା ହ୍ରାସ ଦିଗରେ ସହଯୋଗ କରିବା ସହିତ ସାଧାରଣ ନାଗରିକଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ନିରବଚ୍ଛିନ୍ନ ଶକ୍ତି ଯୋଗାଣ ଓ ବାଣିଜ୍ୟିକ କାରବାର ଜାରି ରଖିବା ଦିଗରେ ସଂପୃକ୍ତ ସମସ୍ତ ପକ୍ଷ ସହଯୋଗ କରିବାକୁ ଭାରତ ଆହ୍ୱାନ ଦେଇଛି । ପଶ୍ଚିମ ଏସିଆ ବିବାଦର ଏକ ଶାନ୍ତିପୂର୍ଣ୍ଣ ତଥା ଦୀର୍ଘସୂତ୍ରୀ ସମାଧାନ ଲାଗି ତୁରନ୍ତ ସମସ୍ତ ପକ୍ଷ କୂଟନୀତି ଓ କଥାବାର୍ତ୍ତାର ସାହାଯ୍ୟ ନେବାଲାଗି ଭାରତ ପରାମର୍ଶ ଦେଇଛି ।

## ରାଜନାଥ-ଏଗ୍ରି କନ୍‌କ୍ଲେଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକର ଚାଷୀଙ୍କ ସଶକ୍ତିକରଣ ଲାଗି ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନୂଆଦିଲ୍ଲୀଠାରେ ଚାଲିଥିବା କୃଷି ନେତୃତ୍ୱ ସମ୍ମିଳନୀ-୨୦୨୬ର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହି ମତବ୍ୟକ୍ତ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି

ସର୍ବନିମ୍ନ ସହାୟକ ମୂଲ୍ୟରେ ଐତିହାସିକ ବୃଦ୍ଧି, ପିଏମ୍ କିଶାନ ଯୋଜନାରେ ଆର୍ଥିକ ସହାୟତା, ପିଏମ୍ ଫସଲବୀମା ଯୋଜନାରେ ସୁରକ୍ଷା ପ୍ରଦାନ, ରେକର୍ଡ ପରିପାଣର କୃଷି ଋଣ ପ୍ରଦାନ, ସାର ବାବଦରେ ୧୩ଲକ୍ଷ କୋଟି ଟଙ୍କା ପ୍ରଦାନ ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହିତ ଚାଷୀଙ୍କ ଆୟକୁ ବୃଦ୍ଧିକରିବା ଏବଂ କୃଷି କ୍ଷେତ୍ରକୁ ଆତ୍ମନିର୍ଭର କରାଇବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଦେଶର ସୁରକ୍ଷା, ରଣନୈତିକ ସ୍ୱୟଂଶାସନ ଏବଂ ସାର୍ବଭୌମତ୍ୱ ଦିଗରେ ଖାଦ୍ୟ ସୁରକ୍ଷା ଭିତ୍ତିଭୂମି ରୂପେ କାର୍ଯ୍ୟ କରିଥାଏ ବୋଲି ଶ୍ରୀ ସିଂହ କହିଛନ୍ତି । ସେ କହିଛନ୍ତି ସୀମାରେ ମୁତୟନ କରାଯାଇଥିବା ସୈନିକ ଏବଂ କ୍ଷେତରେ ଚାଷ କରୁଥିବା କୃଷକ ଉଭୟ ଦେଶର ଆତ୍ମସମ୍ମାନକୁ ସୁରକ୍ଷିତ ରଖିବା ଦିଗରେ ସମାନ ଧରଣର ଜାତୀୟ କର୍ତ୍ତବ୍ୟ ସମାପନ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ନବସୃଜନ, ଦକ୍ଷତା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଏକ ନିରନ୍ତର ତଥା ଆତ୍ମନିର୍ଭର କୃଷିକ୍ଷେତ୍ର ଗଠନ ଦିଗରେ ଯୁବବର୍ଗ ଆଗେଇ ଆସିବାକୁ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ ଆହ୍ୱାନ ଦେଇଛନ୍ତି ।

## ଶିବରାଜ-ଆଫଗାନ ମିନିଷ୍ଟର

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଗତକାଲି ତାଙ୍କର ଆଫଗାନ ପ୍ରତିପକ୍ଷ ମାଓଲାଓ୍ୱି ଆତାଉଲ୍ଲା ଓମାରିଙ୍କ ସହିତ ମିଳିତଭାବେ ଦୁଇଦେଶ ମଧ୍ୟରେ ଜାରି ରହିଥିବା କୃଷି ଭାଗିଦାରୀର

ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । କୃଷି, ଜଳସେଚନ, ପଶୁପାଳନ, କୃଷି ଗବେଷଣା, ଶିକ୍ଷା, କ୍ଷମତା ନିର୍ମାଣ ଓ କୃଷି ବ୍ୟବସାୟ ଆଦି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟିକରିବା ଉପରେ ଉଭୟ ଦେଶ ଆଲୋଚନା କରିଛନ୍ତି । ଏହାଛଡା ଖାଦ୍ୟସୁରକ୍ଷା, ଶସ୍ୟ ଉତ୍ପାଦନ, ଜଳ ପରିଚାଳନା, ଜଳବାୟୁ ଅନୁକୂଳ କୃଷି ଆଦି ପ୍ରସଙ୍ଗ ଉପରେ ଉଭୟପକ୍ଷ ମଧ୍ୟରେ ମତବିନିମୟ ହୋଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ବୈଠକରେ ଯୋଗଦେଇ ଶ୍ରୀଚୌହ୍ୱାନ କହିଛନ୍ତି ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ବିଶ୍ୱାସ, ବନ୍ଧୁତା ଏବଂ ସଶକ୍ତ ଜନସମ୍ପର୍କ ଆଧାରିତ ଶତାବ୍ଦୀ ଶତାବ୍ଦୀ ପୁରାତନ ସଭ୍ୟତାଗତ ସମ୍ପର୍କ ରହିଆସିଛି । ଭାରତ' ଆଫଗାନିସ୍ତାନ ସହିତ କୃଷିକ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ, ନବସୃଜନ ଏବଂ ବୈଜ୍ଞାନିକ ତଥା ପ୍ରତିଷ୍ଠାନଗତ ପରାମର୍ଶ ପ୍ରଦାନ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

## କ୍ରିକେଟ୍-ଟି-୨୦

ଭାରତ-ଇଂଲଣ୍ଡ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ବ୍ରିଷ୍ଟଲରେ ଖେଳାଯିବ । ଏହି ମ୍ୟାଚ୍ ସ୍ଥାନୀୟ କାଉଣ୍ଟି ପଡ଼ିଆରେ ଭାରତୀୟ ସମୟ ରାତି ୧୦ଟାରେ ଆରମ୍ଭ ହେବ । ପାଞ୍ଚମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ବର୍ତ୍ତମାନ ଭାରତ ୦-୨ରେ ପଛୁଆ ରହିଛି ।

# ଉ୍ୱିମ୍ବିଲଡନ

ଉ୍ୱିମ୍ବିଲଡନ ଟେନିସ୍‌ର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୟୁକ୍ରେନ୍‌ର ମାର୍ତ୍ତା କୋସ୍ତିୟୁକ୍ ଏବଂ ଚେକୋସ୍ଲୋଭାକିଆର ଲିଣ୍ଡା ନୋସ୍କୋଭା ପ୍ରବେଶ କରିଛନ୍ତି । ଉଭୟ ଖେଳାଳି ପ୍ରଥମଥର ଲାଗି ଉ୍ୱିମ୍ବିଲଡନ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମାର୍ତ୍ତା କୋସ୍ତିୟୁକ୍  ଇଟାଲୀର ଜସ୍ମିନ୍ ପାଓ୍ୱଲିନ୍‌ଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରି ଉ୍ୱିମ୍ବିଲଡନ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେହିଭଳି ଲିଣ୍ଡା ନୋସ୍କୋଭା ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ୬-୩, ୭-୫ରେ ପରାସ୍ତ କରି ଏହି ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି ।